P.R. NO- 101
23/12/2020

# ତହସିଲଦାର ବାରଙ୍ଗଙ୍କ କାର୍ଯ୍ୟାଳୟ

COURT OF THE TAHASILDAR, BARANG, CUTTACK

ପତ୍ର ସଂଖ୍ୟା 1710 ତାରିଖ: ୨୩/୧୨/୨୦୨୦

## ସର୍ବସାଧାରଣ ଯାତାୟତ ନିମନ୍ତେ ଅନୁମତି ପତ୍ର

ଏତଦ୍ଵାରା ସର୍ବସାଧାରଣ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ମୌଜା: ବାଟପୁରଣ, ରାଜସ୍ଵ ନିରୀକ୍ଷକ ସର୍କଲ ବ୍ରାହ୍ମଣଝରିଲୋ, ତହସିଲ ବାରଙ୍ଗ ଅନ୍ତର୍ଗତ ନିମ୍ନଲିଖିତ ପ୍ଲଟ ସମୂହ ଯଥା:ପ୍ଲଟ ନମ୍ବର ୨୫୯, ୨୫୮, ୨୫୪, ୨୫୩, ୧୯୨, ୧୯୨/୭୧୬, ୧୯୧, ୧୮୧, ୧୯୩, ୧୯୪, ୧୯୪/୭୦୪ ଓ ୧୯୫ର ରୟତି ପ୍ରଜାଗଣ ଘରବାରି କରିବା ନିମନ୍ତେ ତହସିଲଦାର କାର୍ଯ୍ୟାଳୟ ବାରଙ୍ଗ, କଟକଙ୍କୁ ଆବେଦନ କରିଥିଲେ। ଉପରୋକ୍ତ ପ୍ଲଟ ସମୂହକୁ ରାସ୍ତା ସଂଯୋଗ ନଥିବାରୁ ମାନ୍ୟବର ତହସିଲଦାର କାର୍ଯ୍ୟାଳୟ ବାରଙ୍ଗ, କଟଖ ଉକ୍ତ ମୌଜାର ରାଜସ୍ଵ ନିରିକ୍ଷକ ସର୍କଲ ବ୍ରାହ୍ମଣ ଝରିଲୋଙ୍କୁ ରାସ୍ତାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବାରେ ବ୍ରାହ୍ମଣ ଝରିଲୋ ସର୍କଲର ରାଜସ୍ଵ ନିରିକ୍ଷକ ରାସ୍ତାର ତଦନ୍ତ କରିଥିଲେ। ତଦନ୍ତାନୁଯାଇ ଉପରୋକ୍ତ ପ୍ଲଟ ସମୂହ ଉକ୍ତ ମୌଜାର ଏକ ଗୋଚର ପ୍ଲଟ ନମ୍ବର ୨୬୦କୁ ସଂଯୁକ୍ତ ଥିବା ଓ ଗ୍ରାମବାସୀଙ୍କୁ ପଚାରି ବୁଝିବାରେ ଜଣାଯାଏ କି ଆଜକୁ ପ୍ରାୟ ୪୦ ବର୍ଷରୁ ଉର୍ଦ୍ଧ୍ଵ ଦିନ ହେବ ଉପରୋକ୍ତ ପ୍ଲଟର ରୟତି ପ୍ରଜାଗଣ ସେହି ଗୋଚର ପ୍ଲଟ ବାଟ ଦେଇ ଯାତାୟତ କରୁଛନ୍ତି। ଏଣୁ ରାଜସ୍ଵ ନିରିକ୍ଷକଙ୍କ ତଦନ୍ତ ମୁତାବକ ଅଦ୍ୟ ତା ୨୩/୧୨/୨୦୨୦ ରିଖରେ ତହସିଲଦାର କାର୍ଯ୍ୟାଳୟ ବାରଙ୍ଗ କଟକଙ୍କ ତରଫରୁ ପତ୍ର ସଂଖ୍ୟା 1710 ଦ୍ଵାରା ଜଣାଇ ଦିଆଯାଉଅଛିକି ଉପରୋକ୍ତ ପ୍ଲଟରୁ ରୟତି ପ୍ରଜାଗଣ ଓ ସର୍ବସାଧାରଣ ଏହି ଗୋଚର ପ୍ଲଟ ନମ୍ବର ୨୬୦ ବାଟ ଦେଇ ଏ୦.୧୩ଡି.(୪୦ଫୁଟ ଓସାର ଓ ୧୩୩ ଫୁଟ ଲମ୍ବର) ରେ ରାସ୍ତା ଭାବରେ ବ୍ୟବହାର କରିପାରିବେ, ଏଥିରେ ଗ୍ରାମବାସୀଙ୍କର କୌଣସି ଆପତ୍ତି ତଥା ଅଭିଯୋଗ ନାହିଁ।ଏବଂ ଜଳପ୍ରବାହରେ କୌଣସି ବାଧାଉପୁଜିବ ନାହିଁ।

ଏଣୁ ଏହି ପତ୍ର ବଳରେ ରୟତି ପ୍ରଜା ଗଣ ନିଜନିଜ ଜମିର କିସମ ପରିବର୍ତ୍ତନ (ଘରବାରୀ) କରିବା ସହିତ ଜମିର Layout Plan and building Plan approval କରି ଘରତିଆରି କରିବାର ମୌଳିକ ସୁବିଧା ପାଇ ପାରିବେ।

(signature) ୨୩/୧୨/୨୦

ପ୍ରସ୍ତାବକ

ତହସିଲଦାର, ବାରଙ୍ଗ

TAHASILDAR BARANG